# ଗଜପତି ଉତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୨୪।୧୨ (ଗିରିଧାରୀ ପରିଛା):**

ପାଞ୍ଚ ଦିନ ଧରି ଚାଲିଥିବା ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ,ଭୁବନେଶ୍ୱର ଗୁହା ପୁନମ ତାପସ କୁମାର, ନିର୍ଦ୍ଦେଶକ, ସିଏସଆଇଆର–ଆଇଏମଏମଏଟି ଡ.ରାମାନୁଜ ନାରାୟଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ମହାନ୍ତି, କମାଣ୍ଡାଣ୍ଟ ଓଏସଏପି ୩ୟ ବାଟାଲିୟନ ଅଶୋକ କୁମାର ମହାନ୍ତି, କମାଣ୍ଡାଣ୍ଟ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସିନ ଥିଲେ। ସେହିପରି ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ପଲ୍ଲିଶ୍ରୀ ମେଳାରେ ୧ କୋଟି ୧ ଲକ୍ଷ ୧୧୧ ଟଙ୍କା ବ୍ୟବସାୟ ହୋଇଥିଲା। ରାଧାରମଣ ସ୍ୱୟଂ ସହାୟକ ଗୋଷ୍ଠୀ କଟକ, ମହାଲକ୍ଷ୍ମୀ ମହିଳା ସଂଗଠନ ମିଶନ ଶକ୍ତି ଗୁମ୍ମା, ଓଡ଼ିଶା ମିଲେଟ ମିଶନ ଗଜପତି, ମହାବୀର ଉତ୍ପାଦକ ଗୋଷ୍ଠୀ ଖୋର୍ଦ୍ଧା, ଏଗ୍ରୋ ପ୍ରଡକ୍ଟ ପ୍ରୋଡ୍ୟୁସର୍ କମ୍ପାନୀ କୋରାପୁଟ ଓ ମା’ ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ବୌଦ୍ଧକୁ ସମ୍ମାନିତ କରାଯାଇଥିଲା। ଉଦ୍ୟାନ ବିଭାଗ, ଜିଲା ବନ ବିଭାଗ ଓ ଜିଲା ଶିଳ୍ପକେନ୍ଦ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।


ଗଜପତି ଉତ୍ସବର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି।

# ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

**ଭଞ୍ଜନଗର, ୨୪।୧୨(ବାବୁଲା ପ୍ରଧାନ):**

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଭଞ୍ଜନଗର ବ୍ଲକ ବ୍ରାହ୍ମଣପଦର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ଗରିବ ଲୋକଙ୍କୁ ଶୀତବସ୍ତ୍ର ସମେତ ପୋଷାକ ବଣ୍ଟନ କରାଯାଇଥିଲା। ଖୁରୁଠାରେ ଅନୁଷ୍ଠିତ ସାଧାରଣ ସଭାରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଉତ୍ସବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବିଜୁ ସେତୁ ରାଜ୍ୟରେ ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଭଞ୍ଜନଗର ବ୍ଲକର ଅନେକ ଦୁର୍ଗମ ଗ୍ରାମ ସହ ସହରକୁ ସଡକ ପଥରେ ସଂଯୋଗୀକରଣ କ୍ଷେତ୍ରରେ ବିଜୁ ସେତୁ ପ୍ରମୁଖ ମାଧ୍ୟମ ପାଲଟିଛି। ଶୂଳପାଣି ସତପଥୀ ସଭାକୁ ସଂଯୋଜନା କରିଥିଲେ। ବିଡିଓ ଶଶୀଭୂଷଣ ମହାପାତ୍ର ଭଞ୍ଜନଗର ବ୍ଲକରେ କିଭଳି ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି ସେନେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦିବାକର ନାୟକ, ଜିଲା ବିଜେଡ଼ି ଉପସଭାପତି ରାଜକୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବିଜେଡ଼ି ନେତା ମହେନ୍ଦ୍ର କେଶରୀ ଆରୁଖ ପ୍ରମୁଖ ଉପସ୍ଥିତ ଥିଲେ। ସାଢେ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଘାଟିସୁଲା ସେତୁ ଏବଂ ଖୁରୁ ନାଳରେ ସାଢେ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଆଉ ଏକ ସେତୁର ଶିଳାନ୍ୟାସ କରିଥିଲେ।


ମନ୍ତ୍ରୀ ଘାଟିସୁଲା ସେତୁର ଶିଳାନ୍ୟାସ କରୁଛନ୍ତି।

# ମହିଳା ଭେଟଘାଟ୍ ଆଳରେ ଶକ୍ତି ପ୍ରଦର୍ଶନ

**କୋଦଳା/କବିସୂର୍ଯ୍ୟନଗର, ୨୪।୧୨ (ଅମିତ କୁମାର ପଟ୍ଟନାୟକ/କୃପାସିନ୍ଧୁ ସ୍ୱାଇଁ):**

ନୂତନ ବର୍ଷ ପୂର୍ବରୁ ମହିଳା ଭେଟଘାଟ ଆଳରେ ଏକ ମହିଳା ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା କୋଦଳା ପୂର୍ବତନ ଅଧ୍ୟକ୍ଷ ହରପ୍ରସାଦ ସାହୁ । ରବିବାର ହରଙ୍କ ପତ୍ନୀ ସୁନିତା ପ୍ରଭା ସାହୁ ଏବଂ କନ୍ୟା ତଥା କବିସୂର୍ଯ୍ୟ ୟୁଥ ଫୋରମ ଅଧ୍ୟକ୍ଷା ରଂଜିତା ସାହୁ ୨ ହଜାର ମହିଳାଙ୍କୁ ନେଇ ଏକ ସମାବେଶ କରିଛନ୍ତି। ମହିଳାମାନେ କୋଦଳା ଦଣ୍ଡେଶ୍ୱର ମନ୍ଦିର ପରିସରରୁ ଏକ ବିଶାଳ ରାଲି କରି କୋଦଳା ନଗର ପରିକ୍ରମା କରିବା ପରେ ହରଙ୍କ ନିଜ ବାସଭବନ ନିକଟରେ ଏକ ସାଧାରଣ ସମାବେଶ କରିଥିଲେ। ଆଗାମୀ ଦିନରେ ହରଙ୍କ ପରିବାରର ସଦସ୍ୟଙ୍କୁ ବିଜେଡି ଟିକେଟ ଦେବାକୁ ଏକ ପ୍ରକାର ଦାବି କରିଥିଲେ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ।

**ରମ୍ଭା,୨୪।୧୨(ବନବାସୀ ସେଠୀ):**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରୟୋବିଂଶତମ ବାର୍ଷିକୋତ୍ସବ ଏମ. ନରସିଂହ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର। ବାର୍ଷିକ ବିବରଣୀ ପଠନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ। କମିଟି ସଦସ୍ୟା ସରିତା ସେଠୀ ଓ ଝୁଲି ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଭାରତୀୟ ପ୍ରସାରଣ ସେବା ଅଧିକାରୀ ହୃଷିକେଶ ପାଣିଗ୍ରାହୀ, ଓଡିଶା ଦକ୍ଷିଣ ପୂର୍ବ ସମ୍ଭାଗ ରାମପ୍ରସାଦ ପଟ୍ଟନାୟକ, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମାନସୀ ସ୍ୱାଇଁ, ପ୍ରାକ୍ତନ ସଭାପତି ଟି.ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ସୁଦର୍ଶନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ‘ନୂଆ–ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଛତ୍ରପୁର,୨୪।୧୨(ଦିଲୀପ ସାମଲ):**

ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଆୟୋଜିତ ‘ନୂଆ–ଓ’ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସୁମିତା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ କଲେଜ ସଂଚାଳକ ସଭାପତି ଡ଼.ଅଶିନୀ କୁମାର ସିଂ ଯୋଗଦେଇ ବିଦ୍ୟାର୍ଥୀମାନେ ସଂଘର୍ଷ କଲେ ହିଁ ସଫଳତା ମିଳିବ ବୋଲି କହିଥିଲେ । ଅଧ୍ୟାପିକା ଡ଼ ଯାଜ୍ଞସେନୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୟୁରୋ ସ୍କୁଲରେ ଗଣିତ, ବିଜ୍ଞାନ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

**ଛତ୍ରପୁର,୨୪।୧୨(ଦିଲ୍ଲୀପ ସାମଲ):**

ସ୍ଥାନୀୟ ବଜରଙ୍ଗନଗରଠାରେ ଥିବା ୟୁରୋ ସ୍କୁଲ ପରିସରରେ ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଓ ପ୍ରିନ୍ସିପାଲ ତପସ୍ୱିନୀ ସାହୁଙ୍କ ତତ୍ତ୍ୱାବଧାନରେ ଗଣିତ, ସାମାଜିକ ବିଜ୍ଞାନ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲର ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ଦ୍ୱାରାର ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ବିଚାରକ ଭାବେ ସ୍କୁଲ ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର, ଭାଇସ ପ୍ରିନ୍ସିପାଲ ସୁଧାଂଶୁ ଚୌଧୁରୀ, ଶିକ୍ଷକ ଶ୍ରୀକାନ୍ତ ରାଉତରାୟ, ଶିକ୍ଷୟିତ୍ରୀ ସ୍ୱପ୍ନା, ଗ୍ଲୋରି ଓ କ୍ଷମା ଯୋଗଦେଇ ପ୍ରକଳ୍ପଗୁଡିକ ଦେଖିବା ସହ ମୁଲ୍ୟାଙ୍କନ କରିଥିଲେ। ଜୁନିୟର, ସିନିୟର ଓ ସବ ଜୁନିୟର ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



# ବ୍ରହ୍ମପୁର ଜିଲା ଗଠନ ଦାବି

ବ୍ରହ୍ମପୁର,୨୪।୧୨ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଜିଲା ଗଠନ ଓ ସହରତଳି ଅଂଚଳକୁ ମହାନଗରରେ ସାମିଲ ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ଦାବିରେ ରବିବାର ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପୁରୁଣା ବସ ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା କରିଛି।

କମିଟି ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମପୁର ଉପଖଣ୍ଡରେ ୫ ବିଧାନସଭା, ଗୋଟିଏ ଲୋକସଭା, ୬ ବ୍ଲକ, ୭ ତହସିଲ, ୩ ଏନଏସି, ଗୋଟିଏ ମହାନଗର ନିଗମ, ଗୋଟିଏ ବନ୍ଦର, ଗୋଟିଏ ଏୟାରଷ୍ଟ୍ରିପ, ଗୋଟିଏ ବିଶ୍ୱବିଦ୍ୟାଳୟ, ଗୋଟିଏ ମିଲିଟାରୀ ବେସ ଓ ଆରଡିସି କାର୍ଯ୍ୟାଳୟ ରହିଛି। ଉପଖଣ୍ଡର ଭୌଗୋଳିକ ପରିସୀମା ୨୦ ହଜାର ବର୍ଗ କିମି ଥିବାବେଳେ ଲୋକ ସଂଖ୍ୟା ପ୍ରାୟ ୧୮ ଲକ୍ଷରୁ ଅଧିକ। ଏସବୁ ଦୃଷ୍ଟିରୁ ବ୍ରହ୍ମପୁର ଉପଖଣ୍ଡ ଜିଲା ଗଠନର ଯୋଗ୍ୟତା ରହିଛି। ସେହିପରି ୨୦୦୮ ଡିସେମ୍ବର ୨୯ ତାରିଖରେ ରାଜ୍ୟ ସରକାର ବ୍ରହ୍ମପୁର ସନ୍ନିକଟ ୧୮ଟି ପଂଚାୟତକୁ ନେଇ ଏକ ବୃହତ୍ତ ଓ ପୂର୍ଣ୍ଣାଙ୍ଗ ମହାନଗର ନିଗମ ଗଠନ ପାଇଁ ଘୋଷଣା କରିଥିଲେ। କିନ୍ତୁ ଏଯାଏଁ ତାହା ପୂରଣ ହୋଇନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର କେବଳ ମିଶ୍ରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯାହାକୁ ନେଇ କମିଟି ପକ୍ଷରୁ ପ୍ରତି ସପ୍ତାହରେ ପ୍ରତିବାଦ ସଭା କରିବା ନେଇ ନିଷ୍ପତ୍ତି ହୋଇଛି। ଆସନ୍ତା ୨୯ ତାରିଖରେ ରାମଲିଙ୍ଗେଶ୍ୱର ପାର୍କ ନିକଟରେ ପୁଣି ଥରେ ପ୍ରତିବାଦ ସଭା କରାଯିବ ବୋଲି କମିଟି କହିଛି। ଆଜିର ପ୍ରତିବାଦ ସଭାରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ସାଧାରଣ ସଂପାଦକ ଡ ଶିବ ପ୍ରସାଦ ମିଶ୍ର, ଯୁଗ୍ମ ସଂପାଦକ ଟି ସୁଦେଶ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ କମିଟିର ସଦସ୍ୟବୃନ୍ଦ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ପୁସ୍ତକ ମେଳା ଉଦ୍‌ଯାପନୀ, ସ୍ଥାନ–କେସି ହାଇସ୍କୁଲ ଖେଳ ପଡିଆ, ସମୟ–ସନ୍ଧ୍ୟା ୬ଟା।
- ଲେଖକ ଓ ଲେଖିକା ସାମୁଖ୍ୟର ସାରସ୍ୱତ ସମାରୋହ, ସ୍ଥାନ–ଉତ୍କଳ ଆଶ୍ରମ, ସମୟ–ପୂର୍ବାହ୍ନ ୯ଟା ୧୫।

# ପୋଲିସକୁ ମିଳୁନି ସୁରାକ

## ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧରୁ ମୃତ୍ୟୁ ଘଟଣା

ବ୍ରହ୍ମପୁର, ୨୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗତ ନଭେମ୍ବର ୨୬ ତାରିଖରେ ବୈଦ୍ୟନାଥପୁର ଥାନା ପୋଲିସ ଗୋଇଲୁଣ୍ଡି ମୁଖ୍ୟ ରାସ୍ତାରେ ଥିବା ବ୍ରହ୍ମପୁର ଲଜ୍‌ର ଏକ ରୁମ୍‌ରୁ ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଥିଲା। ମୃତକ ଜଣଙ୍କ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଆରଭି.ନଗରର କ୍ରିଷ୍ଣା ବେନି କୋନାପଲି(୩୦)। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ମହିଳାଙ୍କ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଜଣାପଡିଥିଲା। ପୋଲିସ ଉକ୍ତ ଅପମୃତ୍ୟୁ ମାମଲା ହତ୍ୟାରେ ରୂପାନ୍ତରିତ କରିଥିଲା। ଅନ୍ୟପଟେ ମୃତ ମହିଳାଙ୍କ ସ୍ୱାମୀ ସାମିଦମନ ଏଏସ ଗତ ୨୪ ତାରିଖଠାରୁ ଫେରାର ଅଛନ୍ତି। ଲଜରେ ସେ ଦାଖଲ କରିଥିବା ତାଙ୍କ ଠିକଣା ଭୁଲ ଥିଲା। ଫେରାର ଯୁବକଙ୍କ ଘର ବିହାର ହୋଇଥିବା ନେଇ ପୋଲିସ ଏକ ତଥ୍ୟରୁ ଜାଣିବାକୁ ପାଇଥିଲା। ତାଙ୍କୁ ଧରିବା ପରେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଛି। କ୍ରିଷ୍ଣା ବେନି କୋନାପଲିଙ୍କ ଘର ବିଶାଖାପାଟଣାରେ ହୋଇଥିବା ବେଳେ ତାଙ୍କ ସ୍ୱାମୀ ସାମିଦମନ ଏଏସଙ୍କ ଘର କେରଳରେ। ଦୁହେଁ ୩ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଗତ ୧୯ ତାରିଖରେ ସେମାନେ ବ୍ରହ୍ମପୁର ଆସିଥିଲେ। ସ୍ତ୍ରୀ'ର ଗାଇନିକ ସମସ୍ୟା ରହିଛି ଦର୍ଶାଇ ସାମିଦମନ ଏଏସ ଉକ୍ତ ଲଜ୍‌ରେ ଉଭୟେ ଭଡ଼ାରେ ରହି ଆସୁଥିଲେ। ଶନିବାର ସନ୍ଧ୍ୟାରେ ମହିଳା ଜଣଙ୍କ ଲଜର ଖଟ ଉପରେ ମରିପଡିଥିବା ନେଇ ଲଜ ମାଲିକ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୨୪।୧୨ (ନବୀନ ରାଜ ଆଚାରୀ)

ଗୋପାଳପୁର ବେଳାଭୂମିରୁ ଜଣେ ଯୁବକଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ରବିବାର ସକାଳେ ଠାବ କରିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ବୟସ ୧୮ରୁ ୨୦ ହେବ ବୋଲି ପୋଲିସ ଅନୁମାନ କରୁଛି। ଯୁବକ ଜଣକ ସାଇକେଲରେ ବ୍ରହ୍ମପୁରରୁ ଗୋପାଳପୁର ଅଭିମୁଖେ ଆସିଥିଲେ। ବେଳାଭୂମି ବୁଲିବା ପରେ ସମୁଦ୍ରରେ ଗାଧୋଇବା ବେଳେ ଲହଡ଼ିରେ ଭିତରକୁ ଚାଲିଯାଇଥିବା ସନ୍ଦେହ କରାଯାଉଛି। କିଛିସମୟ ମୃତଦେହ କୂଳରେ ଲାଗିଥିଲା। ସ୍ଥାନୀୟ ଲୋକ ଦେଖି ଗୋପାଳପୁର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା। ଏ ସଂକ୍ରାନ୍ତରେ ନଂ.୩୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ଫୋଟକୁ ସାମାଜିକ ଗଣମାଧ୍ୟମରେ ଛଡ଼ାଯାଇଛି। ୭୨ ଘଣ୍ଟା ମୃତଦେହ ରଖାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

# ଅଟୋ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ,୨୪।୧୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ସାଡ଼ିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଲେଣ୍ଡିରିଗାଁରୁ ପୋଲିସ ରବିବାର ଏକ ଅଟୋ ସହ ୬୦ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଅଟୋ ଚଳାକ ତଥା ବାଲିଗୁଡା ଥାନା ଅନ୍ତର୍ଗତ ଲଣ୍ଡାଗାଁର ସୀମାଞ୍ଚଳ ବେଶ୍ରା(୩୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଫିରିଙ୍ଗିଆ ଥାନାରେ ୨୩୩/୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଫୁଲବାଣୀ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

# ପିପୁଲ୍ଲି କଲେଜ ନୂଆ–ଓ କାର୍ଯ୍ୟକ୍ରମ ସରିଲା

ବୁଗୁଡ଼ା,୨୪।୨୩(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ଲି କଲେଜ ପକ୍ଷରୁ ୧୦ ଦିନ ଧରି ଚାଲିଥିବା 'ନୂଆ–ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବିଡିଓ ସନ୍ତୋଷ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମା ପ୍ରସାଦ ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଏବଂ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ନୋଡାଲ ଅଫିସର ଅଧ୍ୟାପକ ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଆମ୍ବ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନ୍ୟତମ ନୋଡାଲ ଅଧିକାରୀ ମନୋଜ କୁମାର ଦାସ ପରିଚାଳନା କରିଥିଲେ। ଅଧ୍ୟାପକ ବିନୋଦ କୁମାର କର ଓ ଅଜୟ କୁମାର ସାହୁ , ଅଧ୍ୟାପିକା ଶୁଭସ୍ମିତା ମହାପାତ୍ର ଓ ଅନୀତା ଦେବୀ ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ ଗ୍ରାହକ ଅଧିକାର ଓ ସୁରକ୍ଷା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୪।୧୨ (ସ୍ମୃତି ରଞ୍ଜନ ମହାଲିକ)

ଜିଲାସ୍ତରୀୟ ଜାତୀୟ ଗ୍ରାହକ ଅଧିକାର ଓ ସୁରକ୍ଷା ଦିବସ ଷ୍ଟେସନ ରୋଡ ସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଓ ଜିଲା କର୍ତ୍ତୃପକ୍ଷ ଏବଂ ପ୍ରୋଗ୍ରେସ ସଂଘର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ତ୍ରିମୂଳ କୁମାର ରେଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇ ଇ–ବାଣିଜ୍ୟ ଓ ଡିଜିଟାଇଜେସନ ସଂପର୍କରେ କହିଥିଲେ। ଅନ୍ୟତମ ଅତିଥି ରୂପେ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ସମ୍ମାନନୀୟ ଅତିଥି ରୂପେ ବିଏମସି ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ବୈଧ ମାପ ବିଜ୍ଞାନ ଯୁଗ୍ମ ନିୟନ୍ତ୍ରକ ସୁରସେନ ଜାନିଙ୍କ ସମେତ ବୀର କିଶୋର ପାଣିଗ୍ରାହୀ, ସମାଜସେବୀ ରବି ରାଉତ ଓ ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୨୪।୧୨ (ସ୍ମୃତି ରଞ୍ଜନ ମହାଲିକ)

ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ୧୨ତମ ବାର୍ଷିକୋତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ମଧୁସ୍ମିତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଡ ନାରାୟଣ ମିଶ୍ର ଓ ଡ ରବି କୁମାରଙ୍କୁ ଚିକିତ୍ସା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ସେହିପରି ଆଇନ ଶୃଙ୍ଖଳା ପାଇଁ ଗୋସାଣୀନୂଆଗାଁ ଥାନାଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁକୁଳ ପକ୍ଷରୁ ବିଏସସି ନର୍ସିଂ, ଜିଏନଏମ, ଏଏନଏମ ବିଷୟ ଖୋଲିଥିବା ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବଡ଼ଦିନ ପାଇଁ ଉତ୍ସବମୁଖର କନ୍ଧମାଳ

ଫୁଲବାଣୀ,୨୪।୧୨(ରାକେଶ କୁମାର ରାଉତ)/ ଫିରିଙ୍ଗିଆ(ବିକ୍ରମ ଦିଗାଲ)/ ବାଲିଗୁଡା(ସଞ୍ଜୟ ପାଣିଗ୍ରହୀ)

ଧରାପୃଷ୍ଠରେ ରବିବାର ମଧ୍ୟରାତ୍ରରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଜନ୍ମ ନେଇଛନ୍ତି। କନ୍ଧମାଳର ପୁରପଲ୍ଲୀ ଉତ୍ସବମୁଖର ହୋଇଛି। ଆଲୋକମାଳାରେ ଝଲସୁଛି ସବୁ ଚର୍ଚ୍ଚ । ଖ୍ରୀଷ୍ଟମାସ୍ ଟ୍ରି ସଜାଇ କ୍ୟାରୋଲ୍ ଗାନ କରି ପ୍ରଭୁ ଯୀଶୁଙ୍କୁ ସ୍ୱାଗତ କରିଛନ୍ତି ଲୋକେ। ଅନ୍ୟପଟେ ୨୦୦୮ ଡିସେମ୍ବର ୨୫ରେ ଦଙ୍ଗାରେ ମୃତ୍ୟୁ ବରଣ କରିଥିବା ଆଦିବାସୀ ନେତା ଖଗେଶ୍ୱର ମଲିକଙ୍କ ଶହୀଦ ଦିବସ ବାରଖମାରେ ପାଳନ କରୁଛି କୁଇସମାଜ । ପୋଲିସ ପ୍ରଶାସନ ସଜାଗ ରହି ଜିଲାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଫୁଲବାଣୀ କ୍ୟାଥୋଲିକ୍ ଚର୍ଚ୍ଚ ଓ ବାପିଷ୍ଟ ଚର୍ଚ୍ଚରେ ଆଡ଼ମ୍ବରରେ ବଡଦିନ ପାଳନ ହୋଇଛି । କ୍ୟାରୋଲ୍ ଗାନ କରି ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇ ଓ ଭଉଣୀ ପରସ୍ପରକୁ ଖ୍ରୀଷ୍ଟମାସ୍ ଶୁଭେଚ୍ଛା ଜଣାଇଛନ୍ତି । ଜିଲାର ବାଲିଗୁଡା, ବାରଖମା, ଜି.ଉଦୟଗିରି, କୋଟଗଡ଼, ଫିରିଙ୍ଗିଆ ରାଇକିଆ ଆଦ ଅଞ୍ଚଳରେ ମଧ୍ୟ ପାଳିତ ହେଉଛି ଖ୍ରୀଷ୍ଟମାସ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଜିଲାର ସମସ୍ତ ପ୍ରାର୍ଥନା ଗୃହ ଓ ଚର୍ଚ୍ଚରେ ପୋଲିସ ମୁତୟନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଜିଲାର ୧୦ ଟି ସ୍ଥାନରେ ନାକା କରି ଗାଡିମଟର ଯାଞ୍ଚ କରାଯାଉଛି । ସେହିପରି ଜସମୁଦାୟ ୧୪ ପ୍ଲାଟୁନ ସ୍ଥାନୀୟ ପୋଲିସ,ବିଏସଏଫ, ସିଆରପିଏଫ ମୁତୟନ କରାଯାଇଛି। ଜିଲାରେ ୮ ଜଣ ଉଚ୍ଚ ସ୍ତରୀୟ ପୋଲିସ ଅଧିକାରୀ ନିୟୋଜନ ହୋଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ୧୮ଜଣ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ନିୟୋଜନ କରାଯାଇଛି । ଜିଲାରେ ବହୁ ଅତିରିକ୍ତ ଆରକ୍ଷି ଅଧିକାରୀ , ଡିଏସପି, ଓ ବରିଷ୍ଟ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯିବ ସହ ସମସ୍ତ ଥାନା ଅଂଚଳରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର କହିଛନ୍ତି ।


ଏକ ଚର୍ଚ୍ଚରେ ପ୍ରାର୍ଥନା କରାଯାଉଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ଶୁଭମ


@ ଭାରତ


@ ଲିକୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୁଗୁଡା ୨୪।୧୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ପାଙ୍ଗିଡ଼ି ସେବା ସମବାୟ ସମିତିରେ ବ୍ଲକସ୍ତରୀୟ ଧାନ ମଣ୍ଡି ଉଦଘାଟିତ ହୋଇଛି। ପାଙ୍ଗିଡ଼ି ସେବା ସମବାୟ ସମିତିର ସଭାପତି ତଥା ଅଞ୍ଚଳ ନିର୍ଦ୍ଦେଶିକା ନନ୍ଦିନୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନୋଡାଲ ଅଧିକାରୀ ତଥା ତହସିଲଦାର ତାପସ କୁମାର ରାଉତ,ବୁଗୁଡା ଏନ ଏ ସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ,ଯୋଗାଣ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଆପଟ,ସମାଜସେବୀ ମଦନ ଗୋପାଳ ଦୋରା, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ରା ପ୍ରମୁଖ ଉପସ୍ଥିତ ଥିଲେ। ପାଙ୍ଗିଡ଼ି ସେବା ସମବାୟ ସମିତିର ସମ୍ପାଦକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନ୍ୟତମ ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଂପାଦକ ଓ ଡାଟା ଅପରେଟର ସହଯୋଗ କରିଥିଲେ।

# ବିନାୟକ ଆଚାର୍ଯ୍ୟ କଲେଜ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଉଦଯାପନୀ ଉତ୍ସବ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ୨୪।୧୨(ତନୁଶ୍ରୀ ନାହାକ)

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଚାଲିଥିବା କ୍ରୀଡ଼ା ଉତ୍ସବ ରବିବାର ଉଦଯାପିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼,ପ୍ରମିଳା ଖାଡଙ୍ଗା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ସମ୍ମାନନୀୟ ଅତିଥି ଭାବେ ଡେ଼ପୁଟି ମେୟର ଇ.ବିବେକ ରେଡ୍ଡୀ ଓ ଭାରପ୍ରାପ୍ତ ଭାରତୀୟ ସେନାବାହିନୀର ତଥା ବ୍ରହ୍ମପୁର ଫିଜିକାଲ ଏକାଡ଼େମୀର ପ୍ରଶିକ୍ଷକ ସୀମାଞ୍ଚଳ ବାରିକ ଯୋଗଦେଇଥିଲେ। ଅତିଥି ମାନେ ଛାତ୍ରୀଛାତ୍ରଙ୍କୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି କ୍ରୀଡ଼ା ପ୍ରତିଯୋଗୀତାର କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ନୋଡ଼ାଲ ଅଧିକାରୀ ଡ଼.ଆନନ୍ଦ ସେଠୀ, ଫିଲ୍ଡ ମାର୍ସଲ ଗୌରୀ ପାତ୍ର, ଡ଼.ସୁଶାନ୍ତ କୁମର ବିରୋଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨ ଦିନିଆ ଜାତୀୟ କର୍ମଶାଳା ଉଦ୍‌ଯାପିତ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ୨୪।୧୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ୟୋଗିକ ସମ୍ପର୍କ ଓ ମାନବ ପରିଚାଳନା ବିଭାଗ ପକ୍ଷରୁ ୨ଦିନିଆ ଜାତୀୟ କର୍ମଶାଳା ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ନୂତନ କର୍ମ ଜଗତରେ ମାନବ ସମ୍ବଳ ପରିଚାଳନା ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନିଜର କାର୍ଯ୍ୟକ୍ଷେତ୍ରର ବିବିଧତା ଦୃଷ୍ଟିରୁ ପ୍ରତ୍ୟେକ ବର୍ଗର ଲୋକଙ୍କୁ କର୍ମକ୍ଷେତ୍ରରେ ସୁପରିଚାଳନା ନିମନ୍ତେ ସୁଯୋଗ ଦେବା ଆବଶ୍ୟକ ବୋଲି କହିଥିଲେ। ସଂଯୋଜକ ଡ଼.ସତ୍ୟବ୍ରତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରପ୍ରାପ୍ତ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଅଧ୍ୟାପିକା ଡ଼.ଇତିଶ୍ରୀ ଗୀତାକୁମାରୀ, ଡ଼.ଭରତ କୁମାର ଲାକ୍ରା, ଅଧ୍ୟାପକ ଡ଼.କ୍ରିଷ୍ଣାପତି, ଅବସରପ୍ରାପ୍ତ ଅଧ୍ୟାପକ ଡ଼. ବିଭୁତି ଭୁଷଣ ମହାପାତ୍ର, ଊପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

